# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୧୨.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀ ଅମରେଶ ଜେନା,
୩. ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀମତୀ ଜୟନ୍ତି ସାହୁ,
୬. ଶ୍ରୀ ସନ୍ତୋଷ କୁମାର ସିଂହ

ଅଦ୍ୟ ତା ୧୭.୧୨.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମୁକ୍ତା ଯୋଜନା ସମ୍ପାଦନ ହୋଇଥିବା କାର୍ଯ୍ୟ ମଧ୍ୟରୁ ଯେଉଁଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇଅଛି ସେହି କାର୍ଯ୍ୟର ବିଲ୍ ପଇଠ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନୂତନ ଟେକ୍ନୋଲୋଜିରେ କାର୍ଯ୍ୟ ବିଷୟରେ ଜାଣିବା ପାଇଁ ଚେନାଇ କିମ୍ବା ମୁମ୍ବାଇ ସହରକୁ କମିଟିର ଚେୟାରମ୍ୟାନ୍, ସମସ୍ତ ସଭ୍ୟ/ସଭ୍ୟା, ସମସ୍ତ ନିର୍ବାହୀ ଯନ୍ତ୍ରୀ ଓ ସମସ୍ତ ଆଂଚଳିକ ଅଧିକାରୀ ଓ ନଗର ଯନ୍ତ୍ରୀ Exposer Visit ଯିବାପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ କେଉଁ ୱାର୍ଡ଼ରେ କେଉଁ କେଉଁ ଡ୍ରେନେଜ୍ କାମ ଓ କେତେ ଟଙ୍କାର କାର୍ଯ୍ୟ ହୋଇଅଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୧୭.୧୨.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୧୨.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ଝରଣାରାଣୀ ପତି,
୪. ଶ୍ରୀମତୀ ସୁଜାତା ଛୋଟରାୟ

ଅଦ୍ୟ ତା ୧୭.୧୨.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଇବା ପାଇଁ ଅନୁମତି ନେଇଥିବା Team Advertisement ସଂସ୍ଥା ବ୍ୟବସାୟ କରି ଅର୍ଥ ଆଦାୟ କରୁଅଛି କିନ୍ତୁ ନିଗମର ଅର୍ଥ ପଇଠ କରୁନାହିଁ ତେଣୁ ତାଙ୍କର ହୋର୍ଡ଼ିଙ୍ଗ୍ କାଟିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଇବା ପାଇଁ ଅନୁମତି ନେଇଥିବା ସଂସ୍ଥା GPS ଲଗାଇବା ଏବଂ ହୋର୍ଡ଼ିଙ୍ଗ୍ ନମ୍ବର ଲେଖିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଇବା ସଂସ୍ଥା ସମ୍ପୂର୍ଣ୍ଣ ଅର୍ଥ ନଦେଲେ ତାଙ୍କର ଅନୁମତି ପୁନଃ ନବିକରଣ ନକରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ବୀର ସୁରେନ୍ଦ୍ର ସାଏ ନଗର ହାଟରେ ଥିବା ପିଣ୍ଡିର ମରାମତି, ପାର୍କିଙ୍ଗ୍‌ସ୍ଥଳର ଉନ୍ନତିକରଣ ଏବଂ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳ ସ୍ମାର୍ଟ ଜନପଥରେ Junction Box Panel ଓ ସ୍ମାର୍ଟସିଟି ଦ୍ୱାରା ନିର୍ମାଣ ସ୍ଥାନରେ ବିଜ୍ଞାପନଫଳକ ଲଗାଇବା ପାଇଁ ସ୍ମାର୍ଟସିଟି ଲିମିଟେଡ୍‌ଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥା M/s Metro sign ର କାର୍ଯ୍ୟାବଧିକୁ ସ୍ମାର୍ଟସିଟି ଲିମିଟେଡ୍‌ଙ୍କ ପତ୍ରସଂଖ୍ୟା-୧୬୮୦ ତା ୩୦.୧୧.୨୦୨୫ ରିଖରେ ସମାପ୍ତ କରିଛନ୍ତି । ଉକ୍ତ ସ୍ଥାନ ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ଦକ୍ଷିଣ-ପୂର୍ବ ଅଂଚଳ ପାଇଁ ସରକାରୀ ସ୍ଥାନରେ ବିଜ୍ଞାପନଫଳକ ଲଗାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥା M/s Ajanta Advertiser ଙ୍କୁ ଅନୁମତି ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୨୧ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୭.୧୨.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୨.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପିଙ୍କି ସ୍ୱାଇଁ,
୩. ନମିତା ମହାପାତ୍ର,
୪. ଶ୍ରୀ ବିପ୍ଳବ ବେହେରା,
୫. ଶ୍ରୀ ସ୍ୱର୍ଣ୍ଣଲତା ସାମନ୍ତରାୟ,
୬. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୧୮.୧୨.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଚଳିତ କର୍ପୋରେସନ ଆସିବା ପରେ (୨୦୨୨-୨୩) ଠାରୁ ଆଜି ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେ ଗୋଟି ବହୁତଳ ପ୍ରାସାଦ ଓ ବ୍ୟବସାୟିକ ସ୍ଥଳ ପାଇଁ ପ୍ଲାନ୍ ଅନୁମୋଦନ ହୋଇଅଛି ଏବଂ କେଉଁ ବହୁତଳ ପ୍ରାସାଦ ଓ ବ୍ୟବସାୟିକ ସ୍ଥଳକୁ ଅକୁପାନ୍ସି ସାର୍ଟିଫିକେଟ୍ ଦିଆଯାଇଅଛି ଏବଂ ସେଠାରେ ସେହି ବ୍ୟକ୍ତି/ ସଂସ୍ଥା EIDP ରେ କ'ଣ କାର୍ଯ୍ୟ କରିଅଛି କିମ୍ବା କେତେ ଅର୍ଥ ଦାଖଲ କରିଅଛି, ୱାର୍ଡ୍‌ୱାଇଜ୍ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନଗର ପ୍ଲାନର୍ ଓ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ବହୁତଳ ପ୍ରାସାଦ/ ବ୍ୟବସାୟିକ ସ୍ଥଳ ପାଇଁ ବିଦ୍ୟୁତ୍ ସଂଯୋଗ ସମ୍ପର୍କରେ ଅକୁପାନ୍ସି ସାର୍ଟିଫିକେଟ୍ ଦାଖଲ ନକଲେ ସେଠାକୁ ବିଦ୍ୟୁତ୍ ସଂଯୋଗ ନଦେବାପାଇଁ TPCODL କୁ ଚିଠି ଲେଖିବା ନିମନ୍ତେ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ବହୁତଳ ପ୍ରାସାଦ ଓ ବ୍ୟବସାୟିକ ସ୍ଥଳକୁ Final NOC ଦେବା ପୂର୍ବରୁ କମିଟିକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୮.୧୨.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୨.୨୦୨୫ ରିଖ

ସମୟ-ଅପରାହ୍ନ ଘ.୩.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ଇତିଶ୍ରୀ ଦାସ,
୩. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୪. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ,
୫. ଶ୍ରୀ ନୃପେଶ କୁମାର ନାୟକ,
୬. ଶ୍ରୀ ଶିବ ନାରାୟଣ ରାୟ

ଅଦ୍ୟ ତା ୧୮.୧୨.୨୦୨୫ ରିଖ ଅପରାହ୍ନ ଘ.୩.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର କେତେକ ୱାର୍ଡ଼ରେ ସ୍ୱଚ୍ଛସାଥିମାନେ ଠିକ୍ ରୂପେ କାର୍ଯ୍ୟ କରୁନଥିବାରୁ ସଫେଇ କାର୍ଯ୍ୟ ସଠିକ୍ ଭାବରେ ହୋଇପାରୁନଥିବା ଅଭିଯୋଗ ଆସୁଅଛି, ତେଣୁ ସେମାନଙ୍କୁ ତାଗିଦ୍ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ରାସ୍ତା କଡ଼ରେ ବହୁ ଲୋକ ଗାଡ଼ି ରଖୁଥିବାରୁ ଜନସାଧାରଣ ଯିବା ଆସିବାରେ ଅସୁବିଧା ହେଉଅଛି ଏବଂ ରାସ୍ତା ସଫେଇ ମଧ ହୋଇପାରୁନଥିବା ଅଭିଯୋଗ ହେଉଅଛି, ତେଣୁ ବେଆଇନ୍ ଭାବେ ରାସ୍ତା ଉପରେ ରହୁଥିବା ଗାଡ଼ି ଗୁଡ଼ିକ ଉଠାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ସୁଭଦ୍ରା ଯୋଜନାରେ ବହୁ ଲୋକ CDPO କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଉଛନ୍ତି କିନ୍ତୁ ଏ ବିଷୟରେ ଭୁବନେଶ୍ୱର ମହାନଗର ନିଗମର କୌଣସି କାର୍ଯ୍ୟ ନଥିଲେ ମଧ CDPO ଲୋକମାନଙ୍କୁ ଭୁବନେଶ୍ୱର ମହାନଗର ନିଗମକୁ ପଠାଉଛନ୍ତି, ଏଥିରେ ଲୋକମାନେ ଅସୁବିଧାରେ ପଡୁଛନ୍ତି, ତେଣୁ ଏ ସମ୍ପର୍କରେ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କୁ ଅବଗତ କରାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୪.୪୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୮.୧୨.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
# ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୧୯.୧୨.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩. ଶ୍ରୀମତୀ ଛବି ଦାଶ,
୪. ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ,
୫. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା ୧୯.୧୨.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ବୈଦ୍ୟୁତିକ କାର୍ଯ୍ୟ ନିମନ୍ତେ ଏଥି ସହିତ ସଂଲଗ୍ନ-"କ" ତାଲିକାରେ ଉଲ୍ଲିଖିତ ୪୭ ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ଅଟକଳ ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଗ୍ରର :-

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମଶା ବଂଶ ବୃଦ୍ଧି ପାଉଥିବାରୁ ନାଳରେ ମଶା ତେଲ ପକାଇବା ପାଇଁ ନିୟୋଜିତ ହୋଇଥିବା ୭୦ ଜଣ ଅଣକୁଶଳୀ ଶ୍ରମିକଙ୍କର କାର୍ଯ୍ୟକାଳ ଆଉ ଦୁଇ ମାସ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା କ୍ରୟ କରାଯାଇଥିବା ଛୋଟ ଟିଫା ମେସିନ୍ ଗୁଡ଼ିକ ମଧ୍ୟରୁ ଯେଉଁ ଗୁଡ଼ିକ ଖରାପ ହୋଇଅଛି ସେଗୁଡ଼ିକ ମରାମତି କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୩). ପରୀକ୍ଷାମୂଳକ ଭାବେ ଦୁଇ ଗୋଟି ମଶାଧରା ମେସିନ୍ କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୪). BMC-ICOMC ର ତୃତୀୟ ମହଲାରେ ଥିବା କ୍ୟାଂଟିନ୍ ଯେଉଁ ସଂସ୍ଥା ନେଇଛନ୍ତି ସେ ଭଲ ଖାଦ୍ୟ ଦେଉନଥିବାରୁ ତାଙ୍କର କାର୍ଯ୍ୟ ବନ୍ଦ କରାଯାଇ ଅନ୍ୟ କୌଣସି ବ୍ୟକ୍ତି/ ସଂସ୍ଥାଙ୍କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୫). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ଗ୍ରୀନ୍ ଗାର୍ବେଜ୍ ଉଠାଉଥିବା ଛୋଟ ଗାଡ଼ିରେ ସବୁ ଗ୍ରୀନ୍ ଗାର୍ବେଜ୍ ଉଠାଯାଇ ପାରୁନଥିବାରୁ ବଡ଼ ଗାଡ଼ି ନିୟୋଜନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୬). ୱାର୍ଡ ନଂ-୩ ଆଦିତ୍ୟ ଏନ୍‌କ୍ଲେଭ୍ ପଛ ପାର୍ଶ୍ୱରୁ ବାରଦେବି କଲୋନୀ ମଧ୍ୟଦେଇ ପଟିଆ ଶଙ୍ଖ ପର୍ଯ୍ୟନ୍ତ ନାଳ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୧୯.୧୨.୨୦୨୫ ରିଖ

# NOTE SHEET

## Hon'ble Mayor

This is to inform you that total 42 number of departmental, 4 nos of engineering license and one Nos of tender work estimates have already been approved by the Commissioner. These estimates now require approval from the Electrical Standing Committee.

Therefore, I kindly request you to please approve the attached files. The details list of the works are given below for your reference.

| Sl No | Name of the work | Estimate Cost (Excluding GST) | Agency |
|---|---|---|---|
| 1 | Development of Palasuni Mega MCC Electrification work & Illumination of internal & Peripheral area | 32,44,370.00 | Modern Winding & Electricals |
| 2 | Provision of internal wiring E/I to Community Centre in ward no-60 | 4,22,718.00 | Elemech Engineering |
| 3 | Dismantling and Re-installation of High Mast and installation of new four arm at Satya Nagar Crematorium | 4,22,669.00 | Green Innovative Power Pvt Ltd |
| 4 | Internal Electrical wiring to Staff room, Security room, Gas Crematorium, Store room etc at Satya Nagar Crematorium | 4,23,700.00 | Elemech Engineering |
| 5 | Action plan for Maintenance of Crompton & Other Street Light. (Excluding Procurement of Hydraulic Ladder) | 20,61,304.00 | |
| 6 | Supply and laying of UG cable at Vivekananda park in ward no-45 | 1,44,815.00 | Departmentally |
| 7 | Internal wiring to Yoga Mandap at Prachi Enclave in Ward no-08 | 66,116.00 | Departmentally |
| 8 | Internal wiring to Jalimunda Crematorium in Ward no-02 | 2,97,805.00 | Departmentally |
| 9 | Internal wiring to Animal Crematorium at Palasuni | 75,533.00 | Departmentally |
| 10 | Provision of power supply to windrows composting machine from Main panel board at TTS | 1,45,433.00 | Departmentally |
| 11 | Illumination of Coconut plant & 150 TPD MRF at Palasuni | 2,80,206.00 | Departmentally |
| 12 | Installation of Sub panel and laying of cable for providing power supply to Bailing machine at 15 TPD MRF at Palasuni | 1,44,989.00 | Departmentally |
| 13 | Replacement of old damaged UG cable from Sub-station to Main panel board at Lingaraj ROB wealth centre | 2,02,839.00 | Departmentally |
| 14 | Provision of Main panel board and Sub-panel board for power supply to Satya Nagar Gas Crematorium | 2,40,415.00 | Departmentally |

-2/N-

# NOTE SHEET

| | | | |
|---|---|---|---|
| 15 | Provision of power supply from Sub-station to Main panel at Naharakanta Wealth centre | 80,369.00 | Departmentally |
| 16 | Supply and installation of 1 HP submersible pump motors at Basuaghai Wealth centre | 29,860.00 | Departmentally |
| 17 | Provision of internal wiring to Community centre in ward no-67 | 2,06,055.00 | Departmentally |
| 18 | Repair and Replacement of ceiling light, fan & Submersible pump motor at South west zone office, BMC | 80,680.00 | Departmentally |
| 19 | Supply and installation of Flood Light in I Love Bhubaneswar Standee at Master Canteen Square | 1,99,619.00 | Departmentally |
| 20 | Internal electrical wiring to Staff room, Store room and Office room etc. with installation of Panel board for power supply to Bailing Machine to 150 TPD MRF & Coconut Plant at Palasuni MCC | 2,72,484.00 | Departmentally |
| 21 | Temporary illumination at Kuakhai River on the occasion of chhat Puja on Dt. 27.10.25 (For 1 Day) | 48,130.00 | Departmentally |
| 22 | Additional work for Plinth Mounted DSS to provide power supply to Block 3&4 at Mandap Basti Housing Project, Chandrasekharpur. | 2,94,005.00 | Departmentally |
| 23 | Additional work for 11KV line to provide power supply to Block 3&4 at Mandap Basti Housing Project, Chandrasekharpur. | 2,98,510.00 | Departmentally |
| 24 | Temporary illumination to immersion Ghat of Gaja Laxmi Puja at Kuakhai River bed, Bankual River bed & Daya River bed site of BMC area on Dt. 12.10.25 (For 1 Day) | 43,002.00 | Departmentally |
| 25 | Temporary illumination of Uttareswar Ghat , Basudev Ghat, Sadha Ghat to Mohini Ghat, Badu Sahi Ghat to Bisrama Ghat for Kartika Purnima-2025 Dt. 05.11.25 (For 1 Day) | 58,980.00 | Departmentally |
| 26 | Provision of LED Flood lights inside of Lingaraj Temple | 2,95,948.00 | Departmentally |
| 27 | Replacement of Burnt LED Flood light inside of Lingaraj Temple due to heavy Thunder & Lightening | 2,47,076.00 | Departmentally |
| 28 | Dismantling & Reinstallation of Octagonal pole in median of road from Naveen Niwas to Central Bank ATM in ward no-53 | 2,78,730.00 | Departmentally |
| 29 | Dismantling and Re-installation of Tubular pole from Poonama Gate Flyover bridge to Oxford group of Institution at Kargil road for road widening. | 2,97,126.00 | Departmentally |
| 30 | Dismantling of Tubular pole from Oxford group of Institution to Chilika Development Authority at Kargil road for road widening. | 2,99,496.00 | Departmentally |
| 31 | Dismantling of Tubular pole from Chilika Development Authority to Maa Gouri Resort, Palaspalli at Kargil road for road widening. | 2,86,662.00 | Departmentally |
| 32 | Dismantling of Tubular pole from Maa Gouri Resort, Palaspalli to Jana Seva Kendra at Kargil road for road widening. | 2,63,360.00 | Departmentally |
| 33 | Dismantling of Tubular pole from Jana Seva Kendra to Pokhariput Petrol Pump at Kargil road for road widening. | 2,94,512.00 | Departmentally |

- 3/N -

ପ୍ରସ୍ତାବ "କ"

# NOTE SHEET

| | | | |
|---|---|---|---|
| 34 | Supply & installation of 1 HP submersible pump motor at Unit-II Night Shelter | 29,860.00 | Departmentally |
| 35 | Supply & installation of 1 HP submersible pump motors at Pandra, Basuaghai & Gadakana Wealth Centre | 85,505.00 | Departmentally |
| 36 | Supply & installation of 1 HP submersible pump motor at Bharatpur Wealth Centre | 25,785.00 | Departmentally |
| 37 | Repairing & Replacement of Ceiling light & Tubelight at South East Zone Office, BMC | 69,262.00 | Departmentally |
| 38 | Supply and installation of 1 HP Submersible Pump Motor at E-Waste hub near ED office in ward no-25 | 29,860.00 | Departmentally |
| 39 | Provision of Internal wiring to Ward office in Ward no-24 | 1,99,538.00 | Departmentally |
| 40 | Internal Electrical wiring to ward office in ward no-29 | 2,04,175.00 | Departmentally |
| 41 | Repair and replacement of Electrical work to newly renovated Election census room & Asst. Commissioner chamber | 2,53,048.00 | Departmentally |
| 42 | Renovation of electrical works at newly extended 15 TPD MRF at TTS Sainik School | 88,126.00 | Departmentally |
| 43 | Electrical Internal wiring of Extension Admin Building at ROKAT, Mancheswar | 2,89,970.00 | Departmentally |
| 44 | Repair, Supply & fixing of fan, tubelight at Unit-8 Community Centre in ward no-47 | 36,232.00 | Departmentally |
| 45 | Provision of internal wiring E/I to incense stick house Wealth centre Pokhariput | 2,91,388.00 | Departmentally |
| 46 | Supply and installation of 1 HP Submersible Pump Motor at Ward Office in Ward no-60 | 34,531.00 | Departmentally |
| 47 | Supply and installation of 1 HP Submersible Pump Motor at Badagada Kalyan Mandap in Ward no-44 | 25,785.00 | Departmentally |

Ok. As proposed.
Place it before
Standing committee
for approval.
[signature] 19.12.25

V Pradhan
18/12/25
Executive Engineer (Elect.)
Bhubaneswar Municipal Corporation

ସ୍ଥାୟୀ କମିଟି ଅନୁମୋଦନ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୧୨.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ସ୍ମୃତିଶିଖା ବରିସଲ,
୨. ଶ୍ରୀ ଆଶିଷ କୁମାର ପଟ୍ଟନାୟକ,
୩. ସକିବା ମୁଶରତ୍,
୪. ଶ୍ରୀମତୀ ସୁଷମା ସାହୁ

ଅଦ୍ୟ ତା ୧୯.୧୨.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ଅନୁପସ୍ଥିତ ଥିବାରୁ ସଭ୍ୟ ଶ୍ରୀ ଆଶିଷ କୁମାର ପଟ୍ଟନାୟକଙ୍କ ପ୍ରସ୍ତାବ ତଥା ସଭ୍ୟା ସକିବା ମୁଶରତଙ୍କ ସମର୍ଥନ କ୍ରମେ ଶ୍ରୀମତୀ ସୁଷମା ସାହୁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ସାଲିଆସାହିରୁ ଉଚ୍ଛେଦ ହୋଇଥିବା ବସ୍ତିବାସିନ୍ଦା ମାନଙ୍କୁ ଆଫୋର୍ଡ଼େବୁଲ୍ ଘର ଦେବାପାଇଁ ଯୋଗ୍ୟ ହିତାଧିକାରୀ ମାନଙ୍କ ମଧ୍ୟରେ ଲଟେରୀ କରାଯାଇ ଗୃହ ଆବଂଟନ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ କାର୍ଯ୍ୟପାଇଁ ଉଚ୍ଛେଦ ହେଉଥିବା ଇଲିଜିବୁଲ୍ ଲୋକଙ୍କୁ ଆଫୋର୍ଡ଼େବୁଲ୍ ଗୃହ ଆବଂଟନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଆଫୋର୍ଡ଼େବୁଲ୍ ଗୃହ ପାଇଁ ଯୋଗ୍ୟ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିବାରୁ ତାଙ୍କର ଆଇନଗତ ଉତରାଧିକାରୀଙ୍କୁ ଆଫୋର୍ଡ଼େବୁଲ୍ ଗୃହ ଆବଂଟନ କରିବା ଏବଂ ୨ ଜଣ ବ୍ୟକ୍ତିଙ୍କ ନାମ ସଂଶୋଧନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୩୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ସୁଷମା ସାହୁ
ସଭାପତି
ତା ୧୯.୧୨.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୧୨.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାର୍‌ମ୍ୟାନ୍,
୨. ଶ୍ରୀ ମିହିର କୁମାର ରାଉତ,
୩. ମୋନାଲିସା ବେହେରା,
୪. ଶ୍ରୀ ଅପରୂପ ନାରାୟଣ ରାଉତ,
୫. ଶ୍ରୀ ରଶ୍ମିରଞ୍ଜନ ପାଢଶାଣୀ

ଅଦ୍ୟ ତା ୨୦.୧୨.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ରାସ୍ତା ଉପରକୁ ମାଡ଼ି ଆସିଥିବା ଗଛଡ଼ାଳ କାଟିବା ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରର ଚେନ୍ ନଥିବାରୁ ଗଛଡ଼ାଳ କଟାଯାଇପାରୁନାହିଁ, ତେଣୁ ଆବଶ୍ୟକ ଚେନ୍ ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ବର୍ଷା ଋତୁ ଚାଲିଯାଇଥିବାରୁ ଚଳିତ ବର୍ଷ ଲଗାଯାଇଥିବା ଗଛରେ ପାଣି ଦେବାପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୨୦.୧୨.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୨.୧୨.୨୦୨୫ ରିଖ

ସମୟ-ଅପରାହ୍ନ ଘ.୩.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ,
୩. ଶ୍ରୀ ଚନ୍ଦ୍ରଶେଖର ମଲ୍ଲିଆ,
୪. ଶ୍ରୀ ଶିବ ପ୍ରସାଦ ବେହେରା,
୫. ଶ୍ରୀମତୀ ଅଲିଅଳି ମଲ୍ଲିକ୍,
୬. ଶ୍ରୀମତୀ ଯଶୋଧାରା ପ୍ରଧାନ,
୭. ଅସିୟା ବେଗମ୍

ଅଦ୍ୟ ତା ୨୧.୧୨.୨୦୨୫ ରିଖ ଅପରାହ୍ନ ଘ.୩.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭେଣ୍ଡିଂଜୋନ୍ ବ୍ୟବସାୟୀ ମାନଙ୍କୁ ବିଭିନ୍ନ ସୁବିଧା ଯଥା:- ସଫେଇ ଓ ପରିମଳ, ବିଦ୍ୟୁତ୍, ଜଳଯୋଗାଣ ଇତ୍ୟାଦି ସେବା ଯୋଗାଇ ଦିଆଯାଉଥିବାରୁ ସେମାନଙ୍କ ଠାରୁ ଭୁବନେଶ୍ୱର ମହାନଗର ନିଗମର କ୍ୟୁଆର୍ କୋଡ୍ ମାଧମରେ ୟୁଜର୍ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). HDFC ବ୍ୟାଙ୍କରେ ଭୁବନେଶ୍ୱର ମହାନଗର ନିଗମର ଜମାଥିବା ଅର୍ଥରୁ ବକେୟା ବିଲ୍ ପଇଠ କରାଯିବା ଏବଂ ଅବଶିଷ୍ଟ ସମସ୍ତ ଅର୍ଥ ଉକ୍ତ ବ୍ୟାଙ୍କ୍ ରୁ ଉଠାଇ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ରଖିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମର ରାଜସ୍ୱ ସଠିକ୍ ଭାବରେ ଆଦାୟ ହୋଇପାରୁନଥିବାରୁ ଯେଉଁ କର୍ମଚାରୀମାନେ ଅର୍ଥ ସଂଗ୍ରହ କରୁଛନ୍ତି ସେମାନଙ୍କୁ ସଠିକ୍ ଭାବେ ତାଲିମ୍ ଦେବାପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଚଂଳରେ କେତେକ ମନ୍ଦିରରେ ବ୍ୟବସାୟିକ ଭାବେ ଖାଦ୍ୟ ବିକ୍ରୀ କରୁଛନ୍ତି, ବିବାହ, ବ୍ରତ ଆଦି କରୁଛନ୍ତି ଏବଂ କେତେକ ଖାଲି ସ୍ଥାନରେ ଟେଂଟ୍ କରି ବିବାହ, ବ୍ରତ ଆଦି ସାମାଜିକ ଉତ୍ସବ କରୁଛନ୍ତି ସେଠାରୁ ବହୁ ଅଳିଆ ବାହାରୁଥିବାରୁ ସେଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମ ସଫେଇ ଓ ପରିବହନ କରୁଅଛି, ତେଣୁ ସେଠାରୁ ୟୁଜର୍ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଚଂଳରେ ଯେଉଁଠାରେ ହାଟ ବସୁଅଛି ସେଠାରୁ ବାହାରୁଥିବା ଅଳିଆ ସଫା କରିବା ଏବଂ ପରିବହନ ଓ ପ୍ରକ୍ରିୟାକରଣ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରୁଅଛି, ତେଣୁ ସେଠାରୁ କ୍ୟୁଆର୍ କୋର୍ଡ଼ ମାଧମରେ ୟୁଜର୍ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). BMC-ICOMC ର ତୃତୀୟ ମହଲାରେ ଥିବା କ୍ୟାଂଟିନ୍‌କୁ ଯେଉଁ ସଂସ୍ଥା ନେଇଛନ୍ତି ସେ ଭଲ ଖାଦ୍ୟ ଦେଉନଥିବାରୁ ତାଙ୍କୁ ବନ୍ଦ କରାଯାଇ ଅନ୍ୟ କୌଣସି ବ୍ୟକ୍ତି/ ସଂସ୍ଥାଙ୍କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମ ନାମରେ ଥିବା ସହିଦନଗର ସ୍ଥିତ ଜାଗା ଯେଉଁଠାରେ ଅଡ଼ିଟୋରିୟମ୍ ହେବାପାଇଁ ପ୍ରସ୍ତାବ ଅଛି ସେଠାରେ କାର୍ଯ୍ୟ ଆରମ୍ଭ ହେବା ପର୍ଯ୍ୟନ୍ତ ସେହି ଜାଗାକୁ ବିଭିନ୍ନ ଇଭେଂଟ୍ ପାଇଁ ସ୍ୱଳ୍ପ ସମୟ ନିମନ୍ତେ ଭଡ଼ା ସୂତ୍ରରେ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନ୍-୨୦୦୩ ର ଧାରା ୨୫୭ (୨) ଅନୁଯାୟୀ ୨୦୨୬-୨୭ ଆର୍ଥିକ ବର୍ଷର ଗୃହ ଟିକସ ସମ୍ପୂର୍ଣ୍ଣ ତା ୦୧.୦୪.୨୦୨୬ ରିଖରୁ ତା ୩୦.୦୪.୨୦୨୬ ରିଖ ମଧ୍ୟରେ ଏକକାଳିନ ନିଗମରେ ପଇଠ କଲେ ୫% (ଶତକଡ଼ା ପାଂଚ ପ୍ରତିଶତ) ଛାଡ଼ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ଓଡ଼ିଶା ମୁନିସିପାଲ୍ କର୍ପୋରେସନ୍ ଆଇନ୍-୨୦୦୩ ର ଧାରା-୧୩୭ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମର ୨୦୨୬-୨୦.୨୭ ଆର୍ଥିକ ବର୍ଷ ପାଇଁ ଟ୧୨,୨୩,୦୮ କୋଟିର ଚିଠା ଆୟବ୍ୟୟ ଅଟକଳ (Draft Budget Estimate-2026-27 of BMC) ଉପସ୍ଥାପନ କରାଗଲା ଏବଂ ଏହା ଉପରେ ଆଲୋଚନା କରାଗଲା । ଆସନ୍ତା ମାସରେ କମିଟି ଓ ସମସ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ ଚେୟାରପରସନ୍ଙ୍କ ସହିତ ଏକ ସ୍ୱତନ୍ତ୍ର ବୈଠକ ଡ଼କାଯାଇ ବଜେଟ୍ ଉପରେ ବିଶଦ ଭାବେ ଆଲୋଚନା କରାଯିବା ନିମନ୍ତେ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୨୨.୧୨.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୪.୧୨.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଦୀପକ କୁମାର ମିଶ୍ର, ଚେୟାରମ୍ୟାନ୍,
୨. ଶ୍ରୀ କୁମାରେନ୍ଦ୍ର ମହାପାତ୍ର,
୩. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ,
୪. ଶ୍ରୀମତୀ ବନ୍ଦିତା ପାଲ,
୫. ଶ୍ରୀମତୀ ଧରିତ୍ରୀ ଜେନା

ଅଦ୍ୟ ତା ୨୪.୧୨.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ବିଭାଗରେ ଏ.ଆଇ.ଆଇ.ଏଲ୍.ଏସ୍.ଜି (AIILSG) ମାଧ୍ୟମରେ ରଖାଯାଇଥିବା ୭ ଜଣ ହିସାବ ରକ୍ଷକ (Accountant) ମାନଙ୍କର ୧ ବର୍ଷ ଚୁକ୍ତି ନବୀକରଣ ନିମନ୍ତେ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରାଯାଇଥିଲା । କମିଟି ସମସ୍ତ Accountant ମାନଙ୍କର ଚୁକ୍ତି ମିଆଦ ୩ ମାସ ବୃଦ୍ଧି କରିବା ସହ ସେମାନଙ୍କର Performance Report ମାଗିଥିଲେ । ଏଥି ମଧ୍ୟରେ ସମସ୍ତ Accountant ମାନଙ୍କର Performance Report ମିଳିସାରିଛି ଏବଂ ଜଣେ Accountant ଇତି ମଧ୍ୟରେ ଚାକିରୀରୁ ଇସ୍ତଫା ଦେଇଛନ୍ତି, ବାକି ୬ ଜଣ Accountant ମାନଙ୍କର ତା ୩୦.୦୬.୨୦୨୬ ରିଖ (୯ ମାସ) ଚୁକ୍ତି ପର୍ଯ୍ୟନ୍ତ ନବୀକରଣ ନିମନ୍ତେ କମିଟିଙ୍କ ବିଚାର:- ନଥି ନଂ-I-ACCT-02/2023 ଟିପ୍ପଣୀ ୨୫୨ ରୁ ୨୫୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ୱାର୍ଡ଼ ଅଫିସ୍‌ରେ ହେଉଥିବା ଦୈନନ୍ଦିନ କାର୍ଯ୍ୟ ଓ ଜନସାଧାରଣ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପ୍ରତ୍ୟେକ ୱାର୍ଡ଼ ଅଫିସ୍‌ରେ ଜଣେ ଲେଖାଏଁ ଡ଼ାଟା ଏଂଟ୍ରି ଅପରେଟର ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨). ଭୁବନେଶ୍ୱର ମହାନଗର ନିଗମର ଏକ ଆମ୍ବୁଲାନ୍ସ ଏବଂ ଏକ ସ୍ୱର୍ଗରଥ ଦୀର୍ଘ ଏକ ବର୍ଷ ହେବ ଗ୍ୟାରେଜ୍‌ରେ ପଡ଼ିଅଛି, ତାହାକୁ ଅଣାଯାଉନାହିଁ ତେଣୁ ଜନସାଧାରଣଙ୍କୁ ସେବା ଯୋଗାଇ ଦିଆଯାଇପାରୁନାହିଁ, ଏଥିପାଇଁ ଯିଏ ଦାୟୀ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୩). ଯେକୌଣସି ଉପବିଭାଗରେ ଲୋକ ନିୟୋଜନ କରାଗଲେ ତାହା କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୪). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ସତ୍ୟନଗର, ଧର୍ମ ବିହାର ଓ ଆଇଗିଣିଆ ସ୍ଥିତ ଶ୍ମଶାନ ଗୁଡ଼ିକରେ ୪ ଜଣ ଡ଼ି.ଇ.ଓ କମିଟିଙ୍କୁ ଅଣଦେଖା କରାଯାଇ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭ (୧୯) ତା ୨୩.୧୦.୨୦୨୫ ରିଖ ଅନୁମୋଦନ କ୍ରମେ ରହିଛନ୍ତି । ପୁନଃବାର ଏହାର ବିଚାର କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୫). କର୍ପୋରେଟର ମାନଙ୍କର କର୍ପୋରେସନ ମିଟିଂର ସିଟିଂ ଆଲାଉନ୍ସ ଓ ଷ୍ଟାଣ୍ଡିଂ କମିଟି ମିଟିଂ ର ସିଟିଂ ଆଲାଉନ୍ସ ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୬). ନିଗମରେ କାର୍ଯ୍ୟ କରୁଥିବା ଡ଼ି.ଏଲ୍.ଆର୍/ ସି.ଏଲ୍.ଆର୍ କର୍ମଚାରୀଙ୍କ Performance ଯାଂଚ୍ କରି ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୭). ପୁରୁଣା ଭୁବନେଶ୍ୱର ସ୍ଥିତ ବ୍ୟାୟାମଶାଳା ଦାୟିତ୍ୱରେ ଥିବା କର୍ମଚାରୀ ସବୁବେଳେ ଉପସ୍ଥିତ ରହୁନାହାଁନ୍ତି ତାଙ୍କୁ କୈଫତ ମାଗିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୮). ଭୁବନେଶ୍ୱର ମହାନଗର ନିଗମର ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଥିବା ସ୍ୱଚ୍ଛସାଥି, ସ୍ୱଚ୍ଛ ସୁପରଭାଇଜର ମାନଙ୍କ ମଧ୍ୟରୁ କେତେକ ଠିକ୍ ଭାବରେ କାର୍ଯ୍ୟ କରୁନାହାଁନ୍ତି, ତେଣୁ ସମସ୍ତଙ୍କର ପର୍‌ଫର୍‌ମାନ୍ସ ଆଂଚଳିକ ଅଧିକାରୀଙ୍କ ଠାରୁ ମଗାଯାଉ, ଯେଉଁମାନଙ୍କର ପର୍‌ଫର୍‌ମାନ୍ସ ଭଲ ନଥିବ ସେମାନଙ୍କୁ ବାହାର କରାଯାଇ ତାଙ୍କ ସ୍ଥାନରେ ଦକ୍ଷ ଲୋକଙ୍କୁ ନିଯୁକ୍ତ କରିବା ଏବଂ ଯେଉଁମାନେ ବାହାରିବେ ତାଙ୍କୁ ଦିଆଯାଇଥିବା ସାଇକେଲ୍ ଫେରାଇ ଆଣିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୯). ଓ୍ୱାର୍ଡ଼ ଅଫିସ୍‌ରେ ଗୋଟିଏ ଆସେଟ୍ ରେଜିଷ୍ଟର୍ ରଖି ସେଥିରେ ମୁଭେବୁଲ୍ ଓ ଅନ୍ ମୁଭେବୁଲ୍ ସମ୍ପତିକୁ ତାଲିକାଭୁକ୍ତ କରି ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୦). ଓ୍ୱାର୍ଡ଼ ଅଫିସ୍‌କୁ ଯାଉଥିବା ବ୍ୟକ୍ତି, କର୍ମଚାରୀ, ଅଧିକାରୀଙ୍କୁ କର୍ପୋରେଟର, ମାନନୀୟା ମେୟର, ଡ଼େପୁଟି ମେୟର ଗଲେ ଭିଜିଟିଙ୍ଗ୍ ଖାତାରେ ଦସ୍ତଖତ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୧). ଯେଉଁ ମଶାଣି ଗୁଡ଼ିକ ପୁନଃଉଦ୍ଧାର କରାଯାଇଅଛି ତାହାର ସଫେଇ ଓ ରକ୍ଷଣାବେକ୍ଷଣ ଏବଂ ପାଉଁଶ ସଫା କରିବା ପାଇଁ ଗୋଟିଏ ସେବାଟ୍ରଷ୍ଟଙ୍କୁ ଦାୟିତ୍ୱ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୨). ଆଇଗିଣିଆ, ଧର୍ମବିହାର ମଶାଣିର ଗ୍ୟାସ୍‌ଚୁଲା ପରିଚାଳନା କରିବା ପାଇଁ ଜଣେ ଲୋକ ନିୟୋଜନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୧.୩୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଦୀପକ କୁମାର ମିଶ୍ର
ସଭାପତି
ତା ୨୪.୧୨.୨୦୨୫ ରିଖ

ZDC South East

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ସ୍ୱତନ୍ତ୍ର ବୈଠକ ବିବରଣୀ

ତା ୨୯.୧୨.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀ ମିହିର କୁମାର ରାଉତ,
୩. ମୋନାଲିସା ବେହେରା,
୪. ଶ୍ରୀମତୀ ସୁଚିତ୍ରା ପାତ୍ର,
୫. ଶ୍ରୀ ରଶ୍ମିରଞ୍ଜନ ପାଇଁଶାଣୀ

ଅଦ୍ୟ ତା ୨୯.୧୨.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ଉପର ମହଲା (UG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ପ୍ରତିବର୍ଷ ପରି ଚଳିତ ବର୍ଷ ୨୦୨୫-୨୬ ରେ ତିନି ଗୋଟି ଜୋନ୍‌ରେ ତା ୦୪.୦୧.୨୦୨୬ ରିଖ, ତା ୧୮.୦୧.୨୦୨୬ ରିଖ ଓ ତା ୦୧.୦୨.୨୦୨୬ ରିଖରେ ପଥ ଉତ୍ସବ କରିବା ପାଇଁ ଖୋଲା ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହି ଟେଣ୍ଡରରେ ୯ (ନଅ) ଗୋଟି ସଂସ୍ଥା ଭାଗ ନେଇଥିଲେ । ସେହି ଟେଣ୍ଡର ଗୁଡ଼ିକୁ ଯାଂଚ୍ କରାଯାଇ ଏବଂ ବିଭିନ୍ନ ପର୍ଯ୍ୟାୟରେ ତନଖି କରାଯାଇ ସର୍ବନିମ୍ନ ଦରଦାତା ମେସର୍ସ ସେଭେନ୍ଥ ଆଭେନ୍ୟୁଙ୍କ ସହିତ ବୁଝାମଣା କରାଯାଇ ଟ୯୦,୦୦.୦୦୦/-ଙ୍କା (ନବେ ଲକ୍ଷ) ର କାର୍ଯ୍ୟ ସମ୍ପାଦନ କରିବା ପାଇଁ ରାଜି ହୋଇଛନ୍ତି । ଏହାର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଗ୍ରର:- ନଥି ନଂ-XXXXX-II-SBAC-235/2025 ଟିପ୍ପଣୀ ପୃଷ୍ଠା-୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା । ଆର୍ଥିକ ସହାୟତା ପାଇଁ ବିଭିନ୍ନ ସଂସ୍ଥା, ବ୍ୟବସାୟିକ ଅନୁଷ୍ଠାନ, ହୋଟେଲ୍, ବିଲ୍ଡର୍ ଆଦି ଙ୍କ ଠାରୁ Sponcer ମାଧମରେ ଅର୍ଥ ଆଣିବା ଏବଂ ଏହି ତିନି ଦିନର ଗୀତିକାର ଅନ୍ତରା ଚକ୍ରବର୍ତୀ, ଦୀପ୍ତିରେଖା ପାଢୀ, ରୁକୁ ସୁନା ଏବଂ ଶ୍ରୀ ତତ୍ୱପ୍ରକାଶ ଶତପଥି (ପପୁ ପମ୍‌ପମ୍) କମେଡ଼ିଆନ୍‌ଙ୍କୁ ଆଣିବା ଏବଂ ଏହାର ପ୍ରସାର ପାଇଁ ତା ୩୦.୧୨.୨୦୨୫ ରିଖ ଆରମ୍ଭ କରିବା ତିନି ଗୋଟି ଜୋନ୍‌ରେ LED Screen ଲଗାଇବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ପ୍ରତି ବର୍ଷ ପରି ଚଳିତ ବର୍ଷ ଖଣ୍ଡଗିରି ମାଘମେଳା ଉତ୍ସବ ପାଳନ କରିବା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରାଗଲା ବିଶେଷ କରି ମେଳା ସ୍ଥାନରେ ସମତୁଲ କରିବା, ସାଧୁସନ୍ଥ ପାଇଁ ଟେଂଟ୍, ଗୋଟିଏ ଗେଟ୍, ହେଲ୍ପଡ଼େସ୍କ, ସି.ସି.ଟି.ଭି, ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଜଳପାନ ବ୍ୟବସ୍ଥା, ପାର୍କିଙ୍ଗ୍, IDs & signage ବ୍ୟବସ୍ଥା, ବିଦ୍ୟୁତ୍, ପାଣି, ଲାଇନ୍ ମରାମତି, ସଫେଇ ଓ ପରିମଳ, ଶୌଚାଳୟ ଇତ୍ୟାଦି ସେବା ଜରୁରୀକାଳିନ ଭିତିରେ ସମ୍ପାଦନ କରିବା ଷ୍ଟଲ୍ ଗୁଡ଼ିକରୁ ଲାଇସେନ୍ସ ଫି ଟ ୧୦,୦୦୦/-ଙ୍କା ଏବଂ ଟ୫,୦୦୦/-ଙ୍କା ଆଦାୟ କରିବା ଯାତ୍ରାପାର୍ଟିଙ୍କ ଠାରୁ ଆଡ୍‌ମିନିଷ୍ଟ୍ରେଟିଭ୍ ଚାର୍ଜେସ୍ ବାବଦକୁ ଟ ୧୫,୦୦୦/-ଙ୍କା ଆଦାୟ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୨୯.୧୨.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୯.୧୨.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

**ଉପସ୍ଥିତ ସଭ୍ୟ/ସଭ୍ୟା:-**

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପରସନ୍,
୨. ଶ୍ରୀ ଚଞ୍ଚଳ ରାଣା, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୫. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୬. ଶ୍ରୀ ବିରଂଚି ନାରାୟଣ ମହାସୁପକାର,
ଚେୟାରମ୍ୟାନ୍, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୭. ଶ୍ରୀ ଶ୍ରୀଧର ବେହେରା,
ଚେୟାରମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି
୮. ଶ୍ରୀ ରାମଚନ୍ଦ୍ର ରଣସିଂହ
ଚେୟାରମ୍ୟାନ୍, ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର୍ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୯.୧୨.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Construction of road from Jena Medicine Store to Kochilei Mandap at GGP Colony in Ward No.-18<br>File No.-XXIX-PW-Div.-I-1018/2024 | Rs.1,78,28,466/- | Rs.1,51,55,979/- | Pramod Ku. Das (s.c) | 14.99<br>UNNATI Funds |
| 2. | Supply & fixing of roofing (Half Circle) inside road, covering of generator room & fixing of grills at BMC Bhawani Mall Saheed Nagar Hata<br>File No.-XXIX-Div.-III-83/2025 | Rs.49,94,121/- | Rs.42,31,431/- | AN Constn.<br>Prop:-Dipika Swain | 14.99<br>15th FC Grant |
| 3. | Repair & renovation of 1st floor and kitchen with overhead Tank at Kalyan Mandap at Saheed Nagar in W.No.-30<br>File No.-XXIX-Div.-III-491/2024 | Rs.13,58,759/- | Rs.11,55,081/- | Jyoshnarani Biswal | 14.99<br>15th FC Grant |
| 4. | Constn. of road and drain from Kharakhia Baidyanath Temple to Amresh Mishra House Plot No.-1325 in Ward No.-60<br>File No.-XXIX-Div.-III-435/2025 | Rs.35,50,451/- | Rs.30,18,238/- | Jyotiraditya Constn.<br>Prop:-Ambika Prasad Dash | 14.99<br>Devolution Fund |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧,୨ ଓ ୪ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୫.୨୦୧୮ ରିଖ-ତଥା- OPWD Code ଅନୁଯାୟୀ ସର୍ତମୂଳକ ଭାବେ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୩ ରେ ଉଲ୍ଲିଖିତ କାର୍ଯ୍ୟ ସହିଦନଗର କଲ୍ୟାଣମଣ୍ଡପର ଅବସ୍ଥା ଖରାପ ହୋଇଥିବାରୁ ଏହାର ସମ୍ପୂର୍ଣ୍ଣ ମରାମତି/ ଉନ୍ନତିକରଣ ପାଇଁ ନଗର ଯନ୍ତ୍ରୀ ସେଠାକୁ ପରିଦର୍ଶନ କରି ତଥ୍ୟ ଉପସ୍ଥାପନ କଲେ ପରବର୍ତୀ ବୈଠକରେ ବିଚ୍ଚର କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Constn. of Internal road and drain near Plot No.-71,139,152 and 178 at District Centre in Ward No.-8<br>File No.-XXIX-PW-Div.-I-1042/2024 | Rs.1,19,44,880/- | Rs.1,21,70,732/- | Dibyalochan Senapati | 1.9<br>15th FC Grant |
| 2. | Constn. of Nageswar Tangi Market in Ward No.-55<br>File No.-XXIX-Div.-III-77/2025 | Rs.1,40,30,411/- | Rs.1,44,49,920/- | Hemanta Ku. Behera | 2.99<br>MSBY Grant |

ନିର୍ଦ୍ଧାରଣ-୨. ପ୍ରସ୍ତାବ ବର୍ଣ୍ଣିତ ଦୁଇ ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରେ ଉଲ୍ଲିଖିତ କାର୍ଯ୍ୟ ରାସ୍ତା ଓ ନାଳ Stalwart Builders ବହୁତଳ ପ୍ରାସାଦ ନିର୍ମାଣ ସମୟରେ ଖରାପ କରିଥିବାରୁ ଉକ୍ତ କାର୍ଯ୍ୟ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ Stalwart Builders ଦ୍ୱାରା ନିର୍ମାଣ ହେଉଥିବା ବହୁତଳ ପ୍ରାସାଦ ପାଇଁ Final NOC ନେବା ସମୟରେ EIDP କାର୍ଯ୍ୟ ଅନ୍ତର୍ଭୁକ୍ତ କରି ଉକ୍ତ ଅର୍ଥ ଆଦାୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜଡ଼ି ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚ୍ଚର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜଡ଼ି ଅଟକଳ |
|---|---|---|---|
| 1. | Constn. of pavered road and drain from Dumduma Pala Mandap to Plot No.-883/4273 from Kaibalya Vihar Lane No.-II to Plot No.-727/2156/2548, from Madhusudan Nagar Lane-4, Plot No.-6/5 to Plot No.-A-9 & Constn. of pavered road from Kaibalya Vihar Plot No.-736 (pt.) to Plot No.-736 (C) Dumduma in Ward No.-64<br>File No.-XXIX-Div.-II-765/2023 | Rs.3,52,09,402/- | Rs.3,51,21,121/- |
| 2. | Constn. of pet crematorium at Palasuni in Ward No.-5<br>File No.-XXIX-Div.-I-1501/2024 | Rs.82,62,400/- | Rs.90,71,630.30 |

ନିର୍ଦ୍ଧାରଣ-୩. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ରିଭାଇଜ୍ ଅଟକଳ ଅନୁମୋଦନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦-1(c) ତା ୧୯.୦୭.୨୦୨୫ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୨ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ରିଭାଇଜ୍ ଅଟକଳ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

AR

ପ୍ରସ୍ତାବ-୪. ଟେଣ୍ଡର ମାଧ୍ୟମରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚୁକ୍ତି ମୁତାବକ M/s HP India Sales Pvt. Ltd. ର ସ୍ୱୀକୃତିପ୍ରାପ୍ତ ସଂସ୍ଥା ଓଡ଼ିଶା କମ୍ପନେଟ୍, ସହିଦନଗର ଠାରୁ ଆବଶ୍ୟକ ମୁତାବକ ଦୈନନ୍ଦିନ ଅଫିସ୍ କାର୍ଯ୍ୟ (ପ୍ରିଂଟିଙ୍ଗ୍) ଲାଗି ବିଭିନ୍ନ ମଡ଼େଲର କ୍ୟାଟ୍ରିଜ୍ କିଣାଯାଇଅଛି । ଉକ୍ତ କ୍ୟାଟ୍ରିଜ୍ ଗୁଡ଼ିକର ମୂଲ୍ୟ ଟେଣ୍ଡର ମୁତାବକ ଘୋଷିତ ରାଶି ଯଥା-ଟ୪୦,୨୧,୧୧୦/- (Excluding GST) ଅଟେ ଏବଂ ସମ୍ପୂର୍ଣ୍ଣ ମୂଲ୍ୟ ଟ୪୭,୪୪,୯୧୦/-(including GST) ରାଶିକୁ ଅନୁମୋଦନ ଓ ଟେଣ୍ଡର ସମୟସୀମାକୁ ତା ୩୦.୧୧.୨୦୨୫ ରିଖରୁ ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ନିମନ୍ତେ କମିଟିଙ୍କ ବିଚାର :- ନଥି ନଂ- XXXIV-GS-7/2024

ନିର୍ଦ୍ଧାରଣ-୪. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୫. ପ୍ରତିବର୍ଷ ପରି ଚଳିତ ବର୍ଷ ତିନି ଗୋଟି ଜୋନ୍‌ରେ ତିନି ଦିନ ପଥ ଉତ୍ସବ ନିମନ୍ତେ ଖୋଲା ପ୍ରସ୍ତାବ ବିଭିନ୍ନ ଗଣମାଧ୍ୟମ ଜରିଆରେ ତା ୧୭.୧୧.୨୦୨୫ ରିଖରେ ଆହ୍ୱାନ କରାଯାଇଥିଲା । ପୂର୍ବ ନିର୍ଦ୍ଧାରିତ ତା ୧୫.୧୨.୨୦୨୫ ରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ସମୁଦାୟ ୯ ଗୋଟି ଜଉମୁଦ ଦିଆ ଆବେଦନପତ୍ର ହସ୍ତଗତ ହୋଇଥିଲା ଏବଂ ଅପରାହ୍ନ ୩ ଘଟିକା ସମୟରେ ଟେଣ୍ଡର କମିଟିର ଅଧ୍ୟକ୍ଷ, ସମସ୍ତ ସଭ୍ୟ/ସଭ୍ୟା ଏବଂ ସମ୍ପୃକ୍ତ ସଂସ୍ଥାର ପ୍ରତିନିଧିଙ୍କ ଉପସ୍ଥିତିରେ ସେଗୁଡ଼ିକ ଖୋଲାଯାଇଥିଲା । ଟେକ୍‌ନିକାଲ୍ ବିଡ୍ (Technical Bid) ରେ ବିଭିନ୍ନ କାରଣ ପାଇଁ ୪ ଗୋଟି ସଂସ୍ଥା ଯୋଗ୍ୟତା ତାଲିକାଭୁକ୍ତ ହୋଇପାରିନଥିଲେ । ଅବଶିଷ୍ଟ ୫ ଗୋଟି ସଂସ୍ଥାକୁ ତା ୧୯.୧୨.୨୦୨୫ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ପ୍ରେଜେଂଟେସନ୍ (Presentation) ଓ ଫାଇନାନ୍‌ସିଆଲ୍ ବିଡ୍ (Financial Bid) ରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

ତା ୧୯.୧୨.୨୦୨୫ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଅତିରିକ୍ତ କମିଶନର-୧ ଙ୍କ ଅଧ୍ୟକ୍ଷତାରେ ୧୧ ଜଣିଆ ଟେଣ୍ଡର କମିଟି ସହ ସମ୍ପୃକ୍ତ ସଂସ୍ଥାର ପ୍ରତିନିଧିଙ୍କ ଉପସ୍ଥିତିରେ ବି.ଏମ୍.ସି ମୁଖ୍ୟାଳୟର ଚତୁର୍ଥ ମହଲା ସମ୍ମିଳନୀ କକ୍ଷରେ ପ୍ରେଜେଂଟେସନ୍ ମୂଲ୍ୟାଙ୍କନ (Presentation Evaluation) ଓ ଫାଇନାନ୍‌ସିଆଲ୍ ବିଡ୍ ନେଇ ବିଷଦ ଭାବେ ଆଲୋଚନା ହୋଇଥିଲା । ନିୟମ ଅନୁଯାୟୀ ପ୍ରେଜେଂଟେସନ୍‌ରେ ଦୁଇଟି ସଂସ୍ଥା ଯୋଗ୍ୟତା ତାଲିକାରୁ କାଟ୍ ଖାଇଥିବା ବେଳେ ନିମ୍ନଲିଖିତ ୩ ଗୋଟି ସଂସ୍ଥାଙ୍କ ପ୍ରେଜେଂଟେସନ୍ ଫାଇନାନ୍‌ସିଆଲ୍ ମୂଲ୍ୟାଙ୍କନ ବିଚାରକୁ ନିଆଯାଇଥିଲା ।

| କ୍ର.ନଂ | ସଂସ୍ଥାର ନାମ |
|---|---|
| ୧ | ମେସର୍ସ ପ୍ରିଲ୍ୟୁଡ୍ ନୋଭେଲ ଭେଂଚର ପ୍ରା.ଲିଃ |
| ୨ | ମେସର୍ସ ସେଭେନ୍ଥ ଆଭେନ୍ୟୁ ଇଭେଞ୍ଜ ପ୍ରା.ଲିଃ |
| ୩ | ମେସର୍ସ କଲର ପ୍ଲସ୍ |

ନିୟମ ଅନୁଯାୟୀ କ୍ୟୁସିବିଏସ୍ (QCBS) ପଦ୍ଧତିରେ ବିଚାର କରି ସେଭେନ୍ଥ ଆଭେନ୍ୟୁ ଇଭେଞ୍ଜ ପ୍ରା.ଲିଃ ଯୋଗ୍ୟତା ତାଲିକାର ଶୀର୍ଷରେ ବା ସର୍ବନିମ୍ନ ଟେଣ୍ଡରଦାତା ଭାବେ ବିବେଚିତ ହୋଇଥିଲେ । ସେଭେନ୍ଥ ଆଭେନ୍ୟୁ ପଥ ଉତ୍ସବ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଟ୯୮,୦୦,୦୦୦/-ଙ୍କା (ଅଠାନବେ ଲକ୍ଷ ଟଙ୍କା) ମାତ୍ର ଆବେଦନରେ ଦର୍ଶାଇଥିଲେ । ତେବେ ଆପୋଷ ଆଲୋଚନା ମାଧ୍ୟମରେ ଚଳିତ ବର୍ଷ ପଥ ଉତ୍ସବ ନିମନ୍ତେ ଟ୯୦,୦୦,୦୦୦/- (ନବେ ଲକ୍ଷ ଟଙ୍କା) ମାତ୍ରରେ କାର୍ଯ୍ୟକ୍ରମ ପରିଚାଳନା ପାଇଁ ରାଜି ହୋଇଥିବାରୁ ସମ୍ପୃକ୍ତ ସଂସ୍ଥାକୁ ଆର୍.ଏଫ୍.ପି ନିୟମ ଅନୁଯାୟୀ ଚୟନ କରାଯାଇଅଛି ଏବଂ ପଥ ଉତ୍ସବ ତା ୦୪.୦୧.୨୦୨୬ ରିଖ, ତା ୧୮.୦୧.୨୦୨୬ ରିଖ ଏବଂ ତା ୦୧.୦୨.୨୦୨୬ ରିଖ ପାଳନ କରାଯିବା ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ-XXXXXII-SBAC-235/2025

ନିର୍ଦ୍ଧାରଣ-୫. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ଏବଂ ତିନି ଗୋଟି ଜୋନ୍‌ରେ ହେଉଥିବା ଉକ୍ତ ଉତ୍ସବରେ LED Display ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆଉ ଅଧିକ ୫(ପାଂଚ) ଲକ୍ଷ ଟଙ୍କା ଲେଖାଏଁ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬. ଆଇଗିଣିଆ ଓ ଧର୍ମବିହାର ମଶାଣିରେ ଗ୍ୟାସଚାଳିତ ଚୁଲା ପରିଚାଳନା କରିବା ପାଇଁ ଟେକ୍‌ନିସିଆନ୍ କମ୍ ଅପରେଟର ଭୁବନେଶ୍ୱର ମହାନଗର ନିଗମକୁ ମାନବସମ୍ବଳ ଯୋଗାଉଥିବା ଜଗନ୍ନାଥ ସିକ୍ୟୁରିଟି ସଂସ୍ଥା ମାଧ୍ୟମରେ ମାସିକ ଟ୨୨,୬୦୮/- ରେ (ESI, EPF, Service charges ସହିତ) ଏକ ବର୍ଷ ପାଇଁ ନିୟୋଜନ କରିବା ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ-XXXXXX-(II)-1/2025 ଟିପ୍ପଣୀ ୧ ରୁ ୧୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୬. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

AS

ପ୍ରସ୍ତାବ-୭. ଭୁବନେଶ୍ୱର ମହାନଗର ନିଗମର ସାନିଟେସନ୍ ଉପବିଭାଗରେ କାମ କରୁଥିବା Solid Waste Management, PMU (Project Monitoring Unit) i.e IPE Global Ltd. ରେ କାର୍ଯ୍ୟରତ ଥିବା ୩ ଜଣ Experts ଯଥା:- Contract Management Expert, Project Monitoring Expert ଏବଂ ୧ ଜଣ Project Associates ବିଭିନ୍ନ ସାନିଟେସନ୍ କାର୍ଯ୍ୟ ଯଥା-RFP (Request for Proposal) SOP (Standard Operating Procedure), estimation, Tender document, Technical Evaluation of the Tender ଏବଂ ଏଗ୍ରିମେଂଟ୍ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପୂର୍ଣ୍ଣ କରୁଛନ୍ତି । କାର୍ଯ୍ୟରତ Solid Waste Management, PMU ର ଚୁକ୍ତି ମିଆଦି ତା ୨୨.୧୦.୨୦୨୫ ରିଖ ପର୍ଯ୍ୟନ୍ତ ଥିବାରୁ ଏହି ଚୁକ୍ତିପତ୍ର ମିଆଦି ବୃଦ୍ଧି ତା ୨୩.୧୦.୨୦୨୫ ରିଖ ଠାରୁ ତା ୨୨.୦୪.୨୦୨୬ ରିଖ (୬ ମାସ) ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର:- ନଥି ନଂ- XXXXXII-SBAC-667/21-22

ନିର୍ଦ୍ଧାରଣ-୭. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮. ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ଗୃହ ଗୁଡ଼ିକର ନୂତନ ଓ ବର୍ଦ୍ଧିତ ଗୃହ ଗୁଡ଼ିକରୁ ଗୃହ ଟିକସ ଲାଗୁ କରିବା ନିମନ୍ତେ ଏକ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ୫ ଜଣ ଏଜେନ୍ସି ଯଥା:- 1.Ritika Printech Pvt. Ltd.,2-Sri Publication & Stationers (P) Ltd.,3-Sparrow Softech Pvt. Ltd.,4-Ananth Technologies Pvt. Ltd.,5-C.E Info Systems Ltd. (Map my India) ଯୋଗ ଦେଇଥିଲେ । ସେଥି ମଧ୍ୟରୁ Technical evaluation ରେ Ritika Printech Pvt. Ltd. କୁ ବାଦ୍ କରିଦିଆଯାଇଥିଲା ଏବଂ ରହିଥିବା ୪ ଗୋଟି ସଂସ୍ଥା ଯଥା:- 1- Sri Publication & Stationers (P) Ltd. 2-Sparrow Softech Pvt. Ltd. 3-Ananth Technologies Pvt. Ltd. 4- C.E Info Systems Ltd. (Map my India) ମଧ୍ୟରୁ Technical & Financial Presentation କୁ ଭିତି କରି Sparrow Softech Pvt. Ltd., ସଂସ୍ଥାକୁ Highest Score in QCBS method ଦ୍ୱାରା H-1 ଏଜେନ୍ସି ଭାବେ ବିବେଚିତ କରାଯାଇଥିଲା, ଏ ସମସ୍ତ କାର୍ଯ୍ୟ କମିଟି ଦ୍ୱାରା ଯାଂଚ୍ କରାଯାଇଥିଲା । Sparrow Softech Pvt. Ltd. ଅତିରିକ୍ତ ରାଜସ୍ୱ ଆଦାୟ (ଗୃହ ଟିକସ) ଉପରେ ୭.୭୭% ର ବିଡ୍ କରିଛନ୍ତି । ସର୍ତାବଳୀ ଥିଲାକି Sparrow Softech Pvt. Ltd., ସଂସ୍ଥାର କାର୍ଯ୍ୟଧାରାକୁ ୬ ମାସ ଅନୁଧାନ କରାଯିବା ପରେ ଯଦି ଉକ୍ତ ସଂସ୍ଥାର କାର୍ଯ୍ୟ ସନ୍ତୋଷଜନକ ହୁଏ ତାହାହେଲେ ଉକ୍ତ ସଂସ୍ଥାକୁ ପୂର୍ଣ୍ଣ କାର୍ଯ୍ୟ କରିବା ନିମନ୍ତେ ଅନୁମୋଦନ ଦିଆଯିବ । ଏହା ଅନୁମୋଦନ ନିମନ୍ତେ କମିଟିଙ୍କ ବିଗ୍ଚର:- ନଥି ନଂ- XXII-(L)-64/2025 ଟିପ୍ପଣୀ ପୃଷ୍ଠା-୪ ରୁ ୫ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮. ଏ ପ୍ରସ୍ତାବ ଅନୁମୋଦନ ନିମନ୍ତେ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ସନ୍ଧ୍ୟା ୬.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୯.୧୨.୨୦୨୫ ରିଖ